SAMBAD
ସମ୍ବାଦ

ରାଉରକେଲା ୬
୩୧ ମାର୍ଚ୍ଚ ୨୦୧୬

# ବିଜାବେର୍ଣ୍ଣା ଗାଁରେ କୃଷକ ପ୍ରଶିକ୍ଷଣ ଶିବିର

ସୁନ୍ଦରଗଡ଼,୩୦।୩(ଇମିସ):ବିଜାବେର୍ଣ୍ଣା ଗାଁରେ ଦୁଇ ଦିନିଆ କୃଷକ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଭାରତୀୟ କୃଷି ଗବେଷଣା ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ଓ କିରେଇ କୃଷି ବିଜ୍ଞାନ କେନ୍ଦ୍ରର କୃଷି ବିଜ୍ଞାନୀମାନେ ଯୋଗ ଦେଇ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳ ପରିଚାଳନା ସମ୍ବନ୍ଧୀୟ ବିଚାର ସହିତ ଉଦ୍ୟାନ କୃଷି ଓ ଫସଲ ସଂରକ୍ଷଣ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଜଳ ପ୍ରବନ୍ଧନ ସଂସ୍ଥାର ମୁଖ୍ୟ ବୈଜ୍ଞାନିକ ଡ. ରବୀନ୍ଦ୍ର ପଣ୍ଡା ଓ ଡ. ସଚ୍ଚିକାନ୍ତ ରାଉତରାୟ ପରିଚାଳନା କରିଥିଲେ। ଉଦଯାପନୀ ଦିବସରେ କୃଷକମାନଙ୍କୁ ସିଞ୍ଚନ ଜଳସେଚନର ଉପକାରିତା ସମ୍ପର୍କରେ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା।

**SAMBAD : Rourkela edition** **31 March 2016,** **page 6**

